# Set - I

# MODEL PAPER

# SSC PUBLIC EXAMINATION JUNE -2021

## ODIA - Paper – I & II

**(First Language)**

**[Time: 3 Hrs. 15 Min.** **[Max. Marks: 100**

---

**ଶୀକ୍ଷାର୍ଥୀଙ୍କୁ ସୂଚନା :**

1. ପ୍ରଶ୍ନପତ୍ରରେ ତିନୋଟି ବିଭାଗ ରହିଛି ।
2. ପ୍ରଶ୍ନପତ୍ର ପଢ଼ିବା ପାଇଁ 15 ମିନିଟ୍ ଓ ଉତ୍ତର ଲେଖିବା ପାଇଁ 3 ଘଣ୍ଟା ସମୟ ଦିଆଯାଇଛି ।
3. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ତୁମକୁ ଦିଆଯାଇଥିବା ଖାତାରେ ଲେଖ ।
4. ଉତ୍ତରଗୁଡ଼ିକୁ ସ୍ୱଷ୍ଟ ଓ ସୁନ୍ଦର ଭାବେ ଲେଖ ।
5. ପ୍ରତ୍ୟେକ ପ୍ରଶ୍ନର ନମ୍ବର ଉତ୍ତରର ବାମପାର୍ଶ୍ୱରେ ଲେଖ ।

---

**I. ବୋଧ - ଅନୁଚିନ୍ତନ** **(32 ମାର୍କ)**

1. ନିମ୍ନୋକ୍ତ ଗୋଟିଏ ପଦ୍ୟାଂଶର ପ୍ରତିପଦାର୍ଥ ଲେଖ । (1 x 8 = 8)

ସହଦେବ ବୋଇଲା ସ୍ୱାମି ଶୁଣିମା ଜଗନ୍ନାଥ
ଈଶ୍ୱରଙ୍କୁ ସିଂଘନାଦ ମାଗନ୍ତୁ ପବନର ସୁତ ।
ଗୋବିନ୍ଦେ ବୋଇଲେ ଯେବେ ଯେମନ୍ତ ଅଛି ଭୀମ
ବୁଦ୍ଧି ହରାଇ କିଂପେ କଲୁ ତୁ ମତିଭ୍ରମ ।

(କିମ୍ବା)

ମଙ୍ଗଳେ ଅଇଲା ଉଷା     ବିକଚ - ରାଜୀବ ଦୃଶା
ଜାନକୀ - ଦର୍ଶନ - ତୃଷା ହୃଦୟେ ବହି,
କର ପଲ୍ଲବେ ନୀହାର -     ମୁକ୍ତାଧରି ଉପହାର
ସତୀଙ୍କ ବାସ - ବାହାର - ପ୍ରାଙ୍ଗଣେ ରହି,
କଳକଣ୍ଠ କଣ୍ଠେ କହିଲା
ଦରଶନ ଦିଅ ସତି, ରାତି ପାହିଲା ।

**2. ନିମ୍ନୋକ୍ତ ଗୋଟିଏ ପଦ୍ୟାଂଶ ପୂରଣ କରି ସରଳାର୍ଥ ଲେଖ ।** **(1 x 8 = 8)**

**ତାଙ୍କ କଣ୍ଠୁ** ..........................................

..........................................................

..........................................................

.......................................................... **କରେ ଅଧିଷ୍ଠାନ ।**

**(କିମ୍ବା)**

**ଧନ୍ୟ ରଥେ** ........................................

..........................................................

..........................................................

.......................................................... **ତୁମ୍ଭେ ଆୟୁଷ୍ମାନ ।**

**3. ନିମ୍ନ ଉକ୍ତିଗୁଡ଼ିକୁ ଘଟଣାକ୍ରମରେ ସଜାଇ ଲେଖ ।** **(1 x 8 = 8)**

କ) ଅଙ୍ଗଦ ଚୌଧୁରୀ ଇତିହାସର ଛାତ୍ର ।

ଖ) ବହୁ ବର୍ଷ ତଳେ ମଗଧରୁ ଆସି ସମ୍ରାଟ ଅଶୋକ କଳିଙ୍ଗ ବିଜୟ କରିଥିଲେ ।

ଗ) ଧଉଳି ପାହାଡ଼ର ପାଦ ଦେଶରେ ଏଇ ବଡ଼ ପଥର ମୁଣ୍ଡିଆଟା ଉପରେ କେତେ ବେଳୁଁ ବସି ରହିଛନ୍ତି ସେ ।

ଘ) ଆସିଛନ୍ତି ନାଳନ୍ଦା ବିଶ୍ୱବିଦ୍ୟାଳୟରୁ ଗବେଷଣା କାର୍ଯ୍ୟରେ ।

**4. ନିମ୍ନ ଅପରିଚିତ ଗଦ୍ୟାଂଶଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** **(4 x 2 = 8)**

ସମୟ କାହାକୁ ଅପେକ୍ଷା କରେ ନାହିଁ । ଯିଏ ସମୟର ସର୍ବୋତ୍‌କୃଷ୍ଟ ଉପଯୋଗ କରେ, ସେ ଉନ୍ନତି କରେ । କିନ୍ତୁ ଯେଉଁମାନେ ବୃଥାରେ ସମୟ ନଷ୍ଟ କରନ୍ତି, ସେମାନେ ଅନାହାର ଓ ଦାରିଦ୍ର ଭୋଗ କରନ୍ତି । ଆଳସ୍ୟ ମନୁଷ୍ୟ ଜୀବନର ଏକ ବଡ଼ ଶତ୍ରୁ । ତେଣୁ ଆମେ ଆମର କର୍ତ୍ତବ୍ୟ ଏବଂ ଦାୟିତ୍ୱ ଠିକ୍ ସମୟରେ କରିବା ଉଚିତ । କିଛି ଲୋକ ଭାରି ଅଳସୁଆ । ସେମାନେ କେବେହେଲେ ଠିକ୍ ସମୟରେ କାମ କରନ୍ତି ନାହିଁ । ତେଣୁ ସେମାନେ ଜୀବନରେ ବେଶି ଦୁଃଖ ପାଆନ୍ତି ।

କ) କେଉଁମାନେ ଉନ୍ନତି ଲାଭ କରିଥା'ନ୍ତି ?

ଖ) କେଉଁମାନେ ଅନାହାର ଓ ଦାରିଦ୍ର ଭୋଗ କରିଥାନ୍ତି ?

ଗ) ମନୁଷ୍ୟ ଜୀବନର ପରମ ଶତ୍ରୁ କିଏ ?

ଘ) ଜୀବନରେ ବେଶି ଦୁଃଖ କିଏ ପାଆନ୍ତି ?

**II. (ବ୍ୟକ୍ତୀକରଣ- ସୃଜନଶୀଳ ପରିପ୍ରକାଶ)** **[36 ମାର୍କ]**

*** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଅନ୍ୟୂନ ତିନି କିମ୍ବା ଚାରି ଧାଡ଼ିରେ ଲେଖ ।** **(3 x4 = 12)**

**5.** ଗଙ୍ଗାଧର ମେହେରଙ୍କ ପରିଚୟ ପ୍ରଦାନ କର ।

**6.** "**ଜନ୍ମଭୂମି** " ପ୍ରବନ୍ଧର ପୃଷ୍ଠଭୂମି ଲେଖ ।

**7.** ନଟବର ବାବୁଙ୍କ ଚରିତ୍ର ଚିତ୍ରଣ କର ।

***ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଅନ୍ୟୂନ ଦଶ କିମ୍ବା ବାର ଧାଡ଼ିରେ ଲେଖ ।** **(3 x8 = 24)**

**8.** ମାତୃଭାଷା ଶିକ୍ଷା ହିଁ ଦେଶ ଓ ଜାତିର ପ୍ରଗତିର ପରିଚାୟକ ଆଲୋଚନା କର ।

**(କିମ୍ବା)**

ସଭ୍ୟତାର ବିକାଶରେ ବିଜ୍ଞାନର ଥିବା ଅବଦାନ ପଠିତ ପ୍ରବନ୍ଧ ଅନୁସରଣରେ ଆଲୋଚନା କର ।

**9.** କୋଣାର୍କ ଏକାଙ୍କିକାର ସାରମର୍ମ ନିଜ ଭାଷାରେ ଲେଖ ।

**(କିମ୍ବା)**

**'ଧରମାର ଆତ୍ମୋତ୍ସର୍ଗ ଓଡ଼ିଆ ଜାତି ପାଇଁ ଆଦର୍ଶ'** - ଏହାର ସତ୍ୟତା ପ୍ରତିପାଦନ କର ।

**10.** ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ତୁମେ କ'ଣ କରିବାକୁ ଚାହୁଁଛ ଜଣାଇ ତୁମ ମାମୁଁ ନିକଟକୁ ଏକ ପତ୍ର ଲେଖ ।

**(କିମ୍ବା)**

**'ସ୍ୱଚ୍ଛଭାରତ'** ର ଆବଶ୍ୟକତା ଜଣାଇ ଏକ କରପତ୍ର ପ୍ରସ୍ତୁତି କର ।

**III. ଭାଷା ପ୍ରକରଣ :** **[32 ମାର୍କ ]**

**ନିର୍ଦ୍ଦେଶାନୁସାରେ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।**

11. ବରଜୀବ ରସେ ଦେଇ ମାନସ **(1x2 =2 ମାର୍କ)**
ବରଜି ବରଷେ ଅମେଧ ଗ୍ରାସ

**[ଏହି ପଦ୍ୟାଂଶରେ କେଉଁ ଅଳଙ୍କାର ପ୍ରଯୁକ୍ତ ହୋଇଛି ଜଣାଇ ତା'ର ଲକ୍ଷଣ ଲେଖ ।]**

12. ନଟବାଣୀ କିମ୍ବା ବିଭାସ କେଦାର ଛନ୍ଦର ଏକ ଉଦାହରଣ ଦିଅ । **(1x2 =2 ମାର୍କ)**

13. କ] "ଛିନ୍ନ କରରେ ବନ୍ଧନ ରାଜି, **(2x1 =2 ମାର୍କ)**
କ୍ରନ୍ଦନ ହେଉ ଶେଷ ।

**[ଏହି ପଦ୍ୟାଂଶରେ "କ୍ରନ୍ଦନ" ପଦଟିର ଅର୍ଥ ଲେଖ ।]**

ଖ] ଅଧୁନାତନ କାଳରେ ବିଜ୍ଞାନର ପଟାନ୍ତର ନାହିଁ ।

**['ଅଧୁନାତନ' ପଦଟିର ଠିକ୍ ଅର୍ଥ ବାଛିଲେଖ । ]**

ଅ) ସର୍ବାଚୀନ ଆ) ଆଜିକାଲିକା ଇ) ଭବିଷ୍ୟତ ଈ) ଅତୀତ

14. କ] ତୁହି ଦେବଭୂମି ତୁହି ବୀରଭୂମି (2x1 =2 ମାର୍କ)

ତୁହି ମୋ ଭାରତ 'ମାଆ'

**['ମାଆ' ପଦଟିର ପ୍ରତିଶବ୍ଦ ବାଛି ଲେଖ ।]**

ଅ) ଜନକ ଆ) ଭଗିନୀ ଇ) ଜନନୀ ଈ) ଧାତ୍ରୀ

ଖ] ବିବେକାନନ୍ଦଙ୍କ ଅନୁଗାମୀ ମଧ୍ୟରୁ ଶରତଚନ୍ଦ୍ର ଅନ୍ୟତମ ।

**['ଅନୁଗାମୀ' ଶବ୍ଦଟିର ପ୍ରତିଶବ୍ଦ ଲେଖ ।]**

15. କ] ଅରୁଣ କଷାୟ ବାସ, କୁସୁମକାନ୍ତି ବିକାଶ । – (2x1 =2 ମାର୍କ)

**[ଏଥିରେ ଥିବା 'ବାସ' ଶବ୍ଦଟିର ଦୁଇଟି ଭିନ୍ନାର୍ଥ ଏହା ହେବ ।]**

ଅ) ଘର, ବାଲି ଆ) ଘର, ଇଟା ଇ) ଘର, ଲୁଗା ଈ) ଘର, ବାସନା

ଖ] ମୋ ଜନ୍ମଭୂମିର ବନ, ଗଛ, ଲତା, ପାହାଡ଼ ଖୁବ୍ ଭଲ ଲାଗେ ।

**['ବନ' ଶବ୍ଦଟିର ଦୁଇଟି ଭିନ୍ନାର୍ଥ ଲେଖ ।]**

16. କ] ବିହେ ରାମ କୁଶଶଯ୍ୟା ପ୍ରତ୍ୟୁତ୍ତର ଦେଲା ଯେ । (2x1 =2 ମାର୍କ)

**["ପ୍ରତ୍ୟୁତ୍ତର" ଶବ୍ଦଟିର ସନ୍ଧିବିଚ୍ଛେଦ କର ।]**

ଖ] ଜଡ଼ ବିଜ୍ଞାନ ଓ ଜୀବ ବିଜ୍ଞାନର ସମ୍ଯୋଗରୁ ନାନା ବିଭାଗ ସୃଷ୍ଟି ହୋଇ ଅଶେଷ କଲ୍ୟାଣ ସାଧନ କରିପାରିଛି ।

**[ "ସମ୍ଯୋଗ" ଶବ୍ଦଟିର ସନ୍ଧି ଗଠନ କର ।]**

17. ଭାରତୀୟ ସଭ୍ୟତାର ଆଦର୍ଶ ଥିଲା ତ୍ୟାଗ ଓ ଆତ୍ମସଂଯମ । (1 ମାର୍କ )

**["ଭାରତୀୟ" ଶବ୍ଦଟିର ପ୍ରକୃତି ପ୍ରତ୍ୟୟ ଲେଖ । ]**

18. ଯେତେଦିନ ପର୍ଯ୍ୟନ୍ତ ଭାରତୀୟ ସଭ୍ୟତା ଉପରେ ବାହାରୁ କେହି ହସ୍ତକ୍ଷେପ କରିପାରି ନଥିଲେ, ତାହା ସେପର୍ଯ୍ୟନ୍ତ ଅକ୍ଷୁଣ୍ଣ ଥିଲା । (1 ମାର୍କ )

**["ଅକ୍ଷୁଣ୍ଣ" ଶବ୍ଦଟିର ବିପରୀତାର୍ଥ ଲେଖ । ]**

19. ନବୀନ ଯୁଗର ତରୁଣ ଜାଗରେ ଜାଗବନ୍ଧନ ହରା । (1 ମାର୍କ )

**[ "ତରୁଣ" ଶବ୍ଦଟିର ଲିଙ୍ଗ ପରିବର୍ତ୍ତନ କରି ଲେଖ । ]**

20. <u>ତରଣି</u> ପୂର୍ବଦିଗରେ ଉଦୟ ହୁଏ । <u>ତରଣୀ</u>ରେ ନାବିକମାନେ ସାଗରରେ ବୁଲନ୍ତି । (1 ମାର୍କ )

[ରେଖାଙ୍କିତ ସମୋଚ୍ଚାରିତ ପଦ ଦୁଇଟିର ଅର୍ଥ ଲେଖ । ]

21. ବିଂଶତିକର ସୀତାଙ୍କୁ ଅପହରଣ କରିଥିଲେ । ବିଂଶତିକର ପଦଟିର ବ୍ୟାସବାକ୍ୟ ଲେଖ । (1 ମାର୍କ )

22. ଅମାବାସ୍ୟା ଦିନ ସୂର୍ଯ୍ୟପରାଗ ହୁଏ । (1 ମାର୍କ )

**[ଏହି ବାକ୍ୟରେ ଥିବା ଅଶୁଦ୍ଧ ଶବ୍ଦଟିକୁ ବାଛି ଶୁଦ୍ଧ କରି ଲେଖ । ]**

23. ତାଙ୍କର ସେ ଅଲଣା କଥା ଶୁଣିବାକୁ ମୋର ବେଳ ନାହିଁ । (2 ମାର୍କ )

**[ ବାକ୍ୟର ଥିବା ରୂଢ଼ିଟିକୁ ଚିହ୍ନଟ କରି ଲେଖ । ]**

24. **"ଝାଳ ବୁହା ଧନ"** – ଏହି ରୂଢ଼ିଟି ବ୍ୟବହାର କରି ବାକ୍ୟ ଗଠନ କର । **(2 ମାର୍କ )**

25. କାର୍ଯ୍ୟ ହାସଲ ଉଦ୍ଦେଶ୍ୟ ରଖି ଉପରକୁ ବିନମ୍ର ଭାବ ଦେଖାଇବା । **(2 ମାର୍କ )**

**[ଏହି ଅର୍ଥରେ ବ୍ୟବହୃତ ଲୋକବାଣୀଟି ଲେଖ ।]**

26. ବଳଦ ଗୀତ ଗାଉଛି । - **ଏହି ବାକ୍ୟରେ କେଉଁ ଲକ୍ଷଣଟିର ଅଭାବ ଅଛି ?** **(1 ମାର୍କ )**

27. ମୋତେ ଶକ୍ତି ଦିଅ ପ୍ରଭୁ । **(1 ମାର୍କ )**

**[ଏହି ବାକ୍ୟରେ ଥିବା ମୁଖ୍ୟ ସମ୍ବୋଧନ ପଦଟିକୁ ବାଛି ଲେଖ ।]**

28. **ନିମ୍ନୋକ୍ତ ବାକ୍ୟ ମଧ୍ୟରୁ ସରଳ ବାକ୍ୟଟିକୁ ବାଛି ଲେଖ ।** **(1 ମାର୍କ )**

କ) ଶିକ୍ଷକ ଡାକିଲେ, ମାନସ ଓ ସୁରେଶ ଗୀତ ଗାଇଲେ ।

ଖ) ଗୋବର୍ଦ୍ଧନ ଦରିଦ୍ରମାନଙ୍କ ସେବା କରନ୍ତି ।

ଗ) ବାପା କେବେ ଆଶା କରି ନଥିଲେ ଯେ, ସନାତନ ଶ୍ରେଣୀରେ ପ୍ରଥମ ହେବ ।

ଘ) ଆନ୍ଧ୍ର, ଓଡ଼ିଶା, ତେଲାଙ୍ଗାଣା ରାଜ୍ୟରେ କରୋନା ବଢ଼ି ଚାଲିଛି ।

29. **ବାକ୍ୟର ପ୍ରକାର୍ଯ୍ୟାତ୍ମକ ରୂପ ଦୃଷ୍ଟିରୁ ବିସ୍ମୟସୂଚକ ବାକ୍ୟଟି ଚିହ୍ନଟ କରି ଲେଖ ।** **(1 ମାର୍କ )**

କ) ତମେ କେବେ ଆସିଲ ?

ଖ) ତମର ନିୟମ ମୁଁ ପାଳି ପାରିବି ନାହିଁ ।

ଗ) ସତରେ ତମେ ଆସିଛ !

ଘ) ବ୍ୟାସକବି ଫକୀର ମୋହନ ପ୍ରଥମ ଗଳ୍ପ ଲେଖିଥିଲେ ।

30. **ବାକ୍ୟର ଗଠନଗତ ରୂପାନ୍ତର ଦୃଷ୍ଟିରୁ ଯୌଗିକ ବାକ୍ୟଟି ଚିହ୍ନଟ କରି ଲେଖ ।** **(1 ମାର୍କ )**

କ) ପ୍ରବଣ ଜଣେ ଶିଳ୍ପୀ ?

ଖ) ମନୋଜ ଶ୍ରେଣୀରେ ବସିଲା, ମାତ୍ର ପଢ଼ି ପାରିଲା ନାହିଁ ।

ଗ) ଅଜା ଯେତେବେଳେ ଘରେ ପହଞ୍ଚିଲେ, ସେତେବେଳେ ଘରେ ରତନ ନଥିଲା ।

ଘ) କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଘୁମୁସର ରାଜ ବଂଶରେ ଜନ୍ମଗ୍ରହଣ କରିଥିଲେ ।

31. ଉତ୍କଳମଣି ଗୋପବନ୍ଧୁ ଥିଲେ ଜଣେ ସଚ୍ଚା ଦେଶ ସେବକ । **(1 ମାର୍କ )**

**[ଏହି ବାକ୍ୟଟିକୁ ବାକ୍ୟର ଅର୍ଥଗତ ରୂପାନ୍ତର ଦୃଷ୍ଟିରୁ ପ୍ରଶ୍ନସୂଚକ ବାକ୍ୟରେ ଲେଖ ।]**

32. ବିଜୟ କଲିକତା ଯିବ । **(1 ମାର୍କ )**

**[ଏହି କର୍ତ୍ତୃବାଚ୍ୟଟିର କର୍ମବାଚ୍ୟ ଲେଖ ।]**

33. ପାନ ବେପାର କରୁଥିବା ଲୋକଟି ଅନ୍ୟଗ୍ରାମକୁ ଗଲା । **(1 ମାର୍କ )**

**[ବାକ୍ୟଟିକୁ ସଂକ୍ଷେପରେ ଲେଖିଲେ ଏହା ଠିକ୍ ହେବ ।]**

କ) ପାନ ବେପାରୀ ଗାଁକୁ ଗଲା ।

ଖ) ପାନରା ଗ୍ରାମାନ୍ତର ଗଲା ।

ଗ) ପାନବାଲା ଗ୍ରାମକୁ ଗଲା ।

ଘ) ପାନବାଲା ଅନ୍ୟ ଗ୍ରାମକୁ ଗଲା ।

*******